NATIONAL NEWS BULLETIN (ODIA)

17 November - 2026

Evening Bulletin : 7.15 p.m.

****

ମୁଖ୍ୟ ସମ୍ବାଦ

- ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ସମସ୍ୟାର ସମାଧାନ ଦିଗରେ ଏକ ବିଶ୍ୱସନୀୟ ଭାଗିଦାରୀ ତଥା ଗଠନ ମୂଳକ ମେଣ୍ଟ ଭାବେ କାର୍ଯ୍ୟ କରୁଛି କ୍ୱାଡ୍, କହିଲେ ପ୍ରଧାନମନ୍ତ୍ରୀ ।
- ମାନିଲାଠାରେ ଚାଲିଥିବା ୪୯ତମ ଆସିଆନ୍ ଶିଖର ସମ୍ମିଳନୀ ଆଜି ହେଲା ଉଦ୍‌ଯାପିତ ।
- ସିଙ୍ଗାପୁର ଗ୍ରହଣ କଲା ପରବର୍ତ୍ତୀ ଅଧ୍ୟକ୍ଷତା ।
- ୨୦୨୫-୨୬ ବର୍ଷରେ ଭାରତର ମୋଟ୍ ଉଦ୍ୟାନ କୃଷି ଉତ୍ପାଦନ ୩୨ ହଜାର ୮୬୯ ଲକ୍ଷ ଟନ୍ ଛୁଇଁବ ନେଇ ଆକଳନ ହୋଇଛି, କହିଲେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ।

ଏବଂ

- ହଂକଂ ସୁପର୍ ଫାଇଭ୍ ହଣ୍ଡ୍ରେଡ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ଡବଲ୍ସ ବର୍ଗର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରବେଶ କଲେ ଭାରତୀୟ ଯୋଡ଼ି ।

ପିଏମ୍ ମୋଦୀ କ୍ୱାଡ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚାରି ରାଷ୍ଟ୍ରକୁ ନେଇ ଗଠିତ 'କ୍ୱାଡ୍'କୁ ଏକ ଗଠନ ମୂଳକ ମେଣ୍ଟ ଭାବେ ଅଭିହିତ କରିଛନ୍ତି । ଏହାଛଡ଼ା ଏହି ବିଶ୍ୱସନୀୟ ଭାଗିଦାରୀ ସମଗ୍ର ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ସମସ୍ୟାର ସମାଧାନ ଦିଗରେ ମିଳିତ ପ୍ରୟାସ ଜାରି ରଖିଛନ୍ତି ।

ଆଗାମୀ ଦିନରେ କ୍ୱାଡ୍ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ସହଯୋଗକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ନିର୍ଦ୍ଧାରିତ ଲକ୍ଷ୍ୟ ଧାର୍ଯ୍ୟ କରିବା ଲାଗି ସେ ଆହ୍ୱାନ ଦେଇଛନ୍ତି । ଆଜି ଫିଲିପାଇନ୍ସର ମାନିଲାଠାରେ କ୍ୱାଡ୍ ବୈଠକରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ ଏହା କହିଛନ୍ତି । ମାନିଲା ସହର ଏବଂ ଏହି ଚତୁଃରାଷ୍ଟ୍ରୀୟ ମେଣ୍ଟ ମଧ୍ୟରେ ଐତିହାସିକ ସମ୍ପର୍କ ଉପରେ ଆଲୋକପାତ କରି ସେ କହିଛନ୍ତି, ୨୦୦୭ ମସିହାରେ ସଦସ୍ୟ ରାଷ୍ଟ୍ରଗୁଡ଼ିକର ବରିଷ୍ଠ ଅଧିକାରୀମାନେ ସର୍ବପ୍ରଥମେ ଏହି ସହରରେ ଏକତ୍ରିତ ହୋଇଥିଲେ ।

ପୁନଶ୍ଚ ୧୦ ବର୍ଷ ପରେ ୨୦୧୭ରେ କ୍ୱାଡ୍ ବୈଠକର ପୁନର୍ବାର ମାନିଲାରେ ଅନୁଷ୍ଠିତ ହୋଇଥିଲା । ସେହି ବୈଠକ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଭାଗିଦାରି ପ୍ରସଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି, ଗତବର୍ଷ ଜାନୁଆରୀ ପରଠାରୁ ସଦସ୍ୟ ରାଷ୍ଟ୍ରଗୁଡ଼ିକର ବୈଦେଶିକ ବ୍ୟାପାର ମନ୍ତ୍ରୀମାନେ ଇତିମଧ୍ୟରେ ପାଞ୍ଚଥର ବୈଠକ କରିସାରିଛନ୍ତି । ସଦସ୍ୟ

ରାଷ୍ଟ୍ରଗୁଡ଼ିକ ମଧ୍ୟରେ ରାଜନୈତିକ ଇଚ୍ଛା ଏବଂ ଭାଗିଦାରି ପ୍ରସଙ୍ଗରେ ପ୍ରତିବଦ୍ଧତା ଏହାଦ୍ୱାରା ପ୍ରତିଫଳିତ ହେଉଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ସାମୁଦ୍ରିକ ନିରାପତ୍ତା, ବିଶ୍ୱସନୀୟ ଯୋଗାଣ ଶୃଙ୍ଖଳ, ବିପର୍ଯ୍ୟୟ ପରିଚାଳନା ଏବଂ ଆଧୁନିକ ଜ୍ଞାନକୌଶଳ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗ ଜାରି ରହିଛି ବୋଲି ଶ୍ରୀ ମୋଦୀ କହିଛନ୍ତି । **V/O**

ପିଏମ୍ ଆସିଆନ୍ ସମିଟ୍

ଏକ ଶାନ୍ତିପୂର୍ଣ୍ଣ, ସ୍ଥିର ଏବଂ ସମୃଦ୍ଧ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ସ୍ଥାପନ ସମ୍ପର୍କିତ ଭାରତର ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ପ୍ରତିବଦ୍ଧତା ଜାହିର କରିଛନ୍ତି । ଫିଲିପାଇନ୍ସର ମାନିଲାଠାରେ ଅନୁଷ୍ଠିତ ଏକବିଂଶତମ ଇଷ୍ଟ ଏସିଆ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ଆହ୍ୱାନଗୁଡ଼ିକର ସମାଧାନ ଆଲୋଚନା ଏବଂ କୂଟନୀତି ମାଧ୍ୟମରେ କରାଯିବା ଉପରେ ଏହି ଅବସରରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି । ଏଥିସହିତ ଏକ ସଶକ୍ତ ଆଞ୍ଚଳିକ ସହଯୋଗ ଲାଗି ଆହ୍ୱାନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗରେ ଆଲୋଚନା କରିବା ଲାଗି ଏହି ସମ୍ମିଳନୀ ଆସିଆନ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଏକତ୍ର କରିପାରିଛି ।

ଏଥିସହିତ ଶ୍ରୀ ମୋଦୀ ଆଜି ଫିଲିପାଇନ୍ସର ରାଜଧାନୀ ମାନିଲାଠାରେ ୨୩ତମ ଆସିଆନ୍-ଭାରତ ଶିଖର ସମ୍ମିଳନୀକୁ ମଧ୍ୟ ସମ୍ବୋଧିତ କରିଛନ୍ତି । ସେ କହିଛନ୍ତି, ଜନସମ୍ପର୍କକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ଭାରତ ଏବଂ ଆସିଆନ ୧୦୦ରୁ ଅଧିକ ପଦକ୍ଷେପ ଗ୍ରହଣ କରିଛନ୍ତି । ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଭାରତରୁ ୯ଟି ଆସିଆନ୍ ରାଷ୍ଟ୍ର ସମୂହକୁ ପ୍ରତ୍ୟକ୍ଷ ବିମାନ ସେବା ଉପଲବ୍ଧ କରାଯାଇଛି । ଦ୍ୱିପକ୍ଷ ମଧ୍ୟରେ ଏକ ନିବିଡ଼ ସମ୍ପର୍କ ରହିଥିବା ଏହାଦ୍ୱାରା ପ୍ରତିଫଳିତ ହେଉଛି ବୋଲି ଶ୍ରୀ ମୋଦୀ କହିଛନ୍ତି । **V/O**

ପିଏମ୍

ଆସିଆନ-ଭାରତ ସମ୍ମିଳନୀ ଏବଂ ଇଷ୍ଟ ଏସିଆ ସମ୍ମିଳନୀ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାନିଲାଠାରେ ଫିଲିପାଇନ୍ସ, ଥାଇଲାଣ୍ଡ ଓ ସିଙ୍ଗାପୁରର ନେତୃବୃନ୍ଦଙ୍କ ସହିତ ଦ୍ୱିପକ୍ଷୀୟ ବୈଠକ କରିଛନ୍ତି ।

ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କସ୍ ଜୁନିୟରଙ୍କ ସହିତ ବୈଠକ ଅବସରରେ ଆସିଆନ୍ ଅଧ୍ୟକ୍ଷତାକୁ ସଫଳତାର ସହ ଶେଷ କରିଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଉଭୟ ନେତା ଅତ୍ୟାଧୁନିକ ଜ୍ଞାନକୌଶଳ, ନବସୃଜନ, ପ୍ରତିରକ୍ଷା, ସାମୁଦ୍ରିକ ସୁରକ୍ଷା, ମହାକାଶ, ରେଳବାଇ ଏବଂ ଫିନ୍‌ଟେକ୍ କ୍ଷେତ୍ରରେ ଦ୍ୱିପକ୍ଷୀୟ ସମ୍ପର୍କକୁ ସଶକ୍ତ କରିବା ଉପରେ ଆଲୋଚନା କରିଛନ୍ତି ।

ଶ୍ରୀ ମୋଦୀ ତାଙ୍କର ଥାଇଲାଣ୍ଡ ପ୍ରତିପକ୍ଷ ଅନୁତିନ୍ ଚାର୍ଣ୍ଣ-ଭିରାକୁଲ୍‌ଙ୍କ ସହିତ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ, ପୁଞ୍ଜିନିବେଶ, ପ୍ରତିରକ୍ଷା, ସଂଯୋଗୀକରଣ, ଡିଜିଟାଲ୍ ଜ୍ଞାନକୌଶଳ, ପର୍ଯ୍ୟଟନ ଏବଂ ସାଂସ୍କୃତିକ ସମ୍ପର୍କ ଏବଂ ଦୁଇ ଦେଶ ମଧ୍ୟରେ ଜାରି ରହିଥିବା ରଣନୈତିକ ଭାଗିଦାରିର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି ।

ପ୍ରଧାନମନ୍ତ୍ରୀ ତାଙ୍କର ସିଙ୍ଗାପୁର ପ୍ରତିପକ୍ଷ ଲରେନ୍ସ ୱିଙ୍ଗ୍‌ଙ୍କ ସହିତ ଦୁଇ ଦେଶ ମଧ୍ୟରେ ସମନ୍ୱିତ ରଣନୈତିକ ଭାଗିଦାରି କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହିତ ବିଭିନ୍ନ ଆଞ୍ଚଳିକ ତଥା ବୈଶ୍ୱିକ ସମସ୍ୟା ଉପରେ ମତବିନିମୟ କରିଛନ୍ତି । ସିଙ୍ଗାପୁରର ଆଗାମୀ ଆସିଆନ୍ ଅଧ୍ୟକ୍ଷତା ଲାଗି ଭାରତର ପୂର୍ଣ୍ଣ ସମର୍ଥନ ରହିଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଅବସରରେ ମତବ୍ୟକ୍ତ କରିଛନ୍ତି ।

ଆସିଆନ୍ କନ୍‌କ୍ଲୁଡେଡ୍

ଫିଲିପାଇନ୍ସର ମାନିଲାଠାରେ ଚାଲିଥିବା ୪୯ତମ ଆସିଆନ୍ ଶିଖର ସମ୍ମିଳନୀ ଏବଂ ଏ ସମ୍ପର୍କିତ ବୈଠକଗୁଡ଼ିକ ଆଜି ଉଦ୍‌ଯାପିତ ହୋଇଛି । ଏଥିସହିତ ଏହି ସମ୍ମିଳନୀର ଚଳିତ ବର୍ଷର ଅଧ୍ୟକ୍ଷ ଫିଲିପାଇନ୍ସ ବିଧିବଦ୍ଧ ଭାବେ ନିଜ ଦାୟିତ୍ୱ ସିଙ୍ଗାପୁରର ପ୍ରଧାନମନ୍ତ୍ରୀ ଲରେନ୍ସ ୱିଙ୍ଗ୍‌ଙ୍କୁ ହସ୍ତାନ୍ତର କରିଛି । ଆସନ୍ତା ବର୍ଷ ଏହି ସମ୍ମିଳନୀ ସିଙ୍ଗାପୁରଠାରେ ଅନୁଷ୍ଠିତ ହେବ । ଆସନ୍ତା ବର୍ଷ ଜାନୁଆରୀ ୧ ତାରିଖରୁ ସିଙ୍ଗାପୁର ଆସିଆନ୍‌ର ଅଧ୍ୟକ୍ଷ ପଦ ଦାୟିତ୍ୱ ବିଧିବଦ୍ଧ ଭାବେ ତୁଲାଇବେ ।

ଶିବରାଜ ସିଂହ ଚୌହାନ

୨୦୨୫-୨୬ ବର୍ଷରେ ଭାରତର ମୋଟ୍ ଉଦ୍ୟାନ କୃଷି ଉତ୍ପାଦନ ୩୍ ହଜାର ୮୬୯ ଲକ୍ଷ ଟନ୍ ଛୁଇଁବାର ଆଶା କରାଯାଉଛି ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଘୋଷଣା କରିଛନ୍ତି । ଆଜି ନୂଆଦିଲ୍ଲୀଠାରେ ୨୦୨୫-୨୬ ବର୍ଷ ଲାଗି ଉଦ୍ୟାନ କୃଷି ଫସଲ ମୋଟ୍ କ୍ଷେତ୍ର ଏବଂ ଉତ୍ପାଦନ ସମ୍ପର୍କିତ ତୃତୀୟ ଅଗ୍ରିମ ଅନୁମାନ ଜାରି କରି ସେ ଏହା କହିଛନ୍ତି ।

ପରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଚୌହାନ କହିଛନ୍ତି, ୨୦୨୪-୨୫ରେ ଦେଶରେ ମୋଟ୍ ଉଦ୍ୟାନ କୃଷି ଫସଲ ହୋଇଥିବା କ୍ଷେତ୍ରର ପରିମାଣ ୩୦୧ ଦଶମିକ୍ ୩/୬ ଲକ୍ଷ ହେକ୍ଟର ହୋଇଥିବା ବେଳେ ୨୦୨୫-୨୬ରେ ପ୍ରାୟ ୨୯୭ ଦଶମିକ୍ ୨/୧ ଲକ୍ଷ ହେକ୍ଟର ଆକଳନ କରାଯାଇଥିଲା । ତେବେ ଫସଲ ହୋଇଥିବା ଅଞ୍ଚଳରେ ହ୍ରାସ ହୋଇଥିବା ସତ୍ତ୍ୱେ ଉତ୍ପାଦନ ଅଧିକ ହେବାର ଆକଳନ କରାଯାଇଛି ବୋଲି ଶ୍ରୀ ଚୌହାନ କହିଛନ୍ତି ।

V/O

ବ୍ୟାଡ୍‌ମିଣ୍ଟନ

ହଂକଂ ସୁପର୍ ଫାଇଭ୍ ହଣ୍ଡ୍ରେଡ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ଡବଲ୍ସ ବର୍ଗର ଦ୍ୱିତୀୟ ପର୍ଯ୍ୟାୟରେ ଭାରତର ସାତ୍ୱିକ ସାଇରାଜ ରାଙ୍କି

ରେଡ୍ଡୀ ଏବଂ ଚିରାଗ୍ ସେଟ୍ଟୀଙ୍କ ଯୋଡ଼ି ପ୍ରବେଶ କରିଛନ୍ତି । ଏହି ଭାରତୀୟ ଯୋଡ଼ି ତାଙ୍କର ପ୍ରାରମ୍ଭିକ ରାଉଣ୍ଡ ମ୍ୟାଚ୍‌ରେ ଚାଇନିଜ୍ ତାଇପେଇର ଲି ୟେ ହ୍ୱି ଏବଂ ୟାଙ୍ଗ୍ ପୋ-ହାନ୍‌ଙ୍କ ଯୋଡ଼ିକୁ ୧୫-୨୧, ୨୧-୧୭, ୨୮-୨୬ ସେଟ୍‌ରେ ପରାସ୍ତ କରିଛନ୍ତି । ପୂର୍ବରୁ ଭାରତୀୟ ମିକ୍ସ ଡବଲ୍ସ ଯୋଡ଼ି ଧ୍ରୁବ କପିଳ ଏବଂ ରାଧିକା ଶର୍ମା ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି ।

ସାଫ୍ ଚାମ୍ପିୟାନ୍‌ସିପ୍

ସାଫ୍ ଚାମ୍ପିୟାନ୍‌ସିପ୍ ଫାଇନାଲ୍‌ରେ ଆଉ କିଛି ସମୟ ପରେ ଭାରତ’ ପାକିସ୍ତାନକୁ ଢାକାରେ ଭେଟିବ । ଏହି ମ୍ୟାଚ୍ ଭାରତୀୟ ସମୟ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ । ଭାରତ ପୂର୍ବରୁ ୯ ଥର ୧୯୯୩, ୧୯୯୭, ୧୯୯୯, ୨୦୦୫, ୨୦୦୯, ୨୦୧୧, ୨୦୧୫, ୨୦୨୧ ଏବଂ ୨୦୨୩ରେ ଟାଇଟଲ୍ ହାସଲ କରିଥିବା ବେଳେ ପାକିସ୍ତାନ ପ୍ରଥମ ଥରଲାଗି ଏହି ଚାମ୍ପିୟନ୍‌ସିପ୍ ଫାଇନାଲ୍‌କୁ ଉତୀର୍ଣ୍ଣ ହୋଇଛି ।

ଆଇପିଏଲ୍-ଧୋନି

ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ଆଇପିଏଲ୍ ଲିଗ୍‌ରୁ ଅବସର ନେଇଛନ୍ତି । ଏଥିସହିତ ସେ ଚେନ୍ନାଇ ସୁପରକିଙ୍ଗସ୍ ଦଳର ମେଣ୍ଟର ଭାବେ ନିଯୁକ୍ତ ହୋଇଛନ୍ତି । ୨୦୨୦

ମସିହାରେ ଶ୍ରୀ ଧୋନି ଆନ୍ତର୍ଜାତିକ କ୍ରିକେଟ୍‌ରୁ ଅବସର ଘୋଷଣା କରିସାରିଛନ୍ତି ।